# NATIONAL NEWS BULLETIN (ODIA)

## 22 June 2026

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନ ପରିଦର୍ଶନ କରି ଆଜି ଚିତା ପୁନରୁଦ୍ଧାର ପ୍ରକଳ୍ପର ପ୍ରଗତି ସମୀକ୍ଷା କରିବେ ରାଷ୍ଟ୍ରପତି
- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେବ ବ୍ରିକ୍ସ ଜାତୀୟ ସୁରକ୍ଷା ପରାମର୍ଶଦାତା ସମ୍ମିଳନୀ
- ପଶ୍ଚିମ ଏସିଆ ପରିସ୍ଥିତିର ସମାଧାନ ପାଇଁ ଆମେରିକା ଓ ଇରାନ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା
- ଏନ୍‌ଟିଏ ପକ୍ଷରୁ ଆଜିଠାରୁ ଆରମ୍ଭ ହେଉଛି ୟୁଜିସି ନେଟ୍ ପରୀକ୍ଷା

ଏବଂ

- ଓଡ଼ିଶା ସମେତ ଦେଶର କେତେକ ରାଜ୍ୟରେ ଆଜି ପ୍ରବଳ ବର୍ଷା ସମ୍ଭାବନା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ

# ପ୍ରେଜ୍-କୁନୋ ନ୍ୟାଶନାଲ୍ ପାର୍କ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମଧ୍ୟପ୍ରଦେଶର ସେଓପୁର ଜିଲ୍ଲାସ୍ଥିତ କୁନୋ ଜାତୀୟ ଉଦ୍ୟାନକୁ ଗସ୍ତ କରିବେ । ଗସ୍ତକାଳରେ ରାଷ୍ଟ୍ରପତି ଚିତା ପୁନରୁଦ୍ଧାର ପ୍ରକଳ୍ପର ପ୍ରଗତି ନେଇ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଚିତାବାଘଙ୍କ ଯତ୍ନ ନେଉଥିବା ସହଯୋଗୀ, ବନ କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଗସ୍ତ ପରେ ରାଷ୍ଟ୍ରପତି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

ଗତକାଲି ରାଷ୍ଟ୍ରପତି ଚିତା ନିୟନ୍ତ୍ରଣ କେନ୍ଦ୍ର ପରିଦର୍ଶନ କରି ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଚିତା ପ୍ରକଳ୍ପ ସଂପର୍କିତ ପ୍ରଦର୍ଶନୀ ଦେଖିଥିଲେ ।

ସୂଚନା ଅନୁଯାୟୀ ଭାରତରେ ଏବେ ୫୨ଟି ଚିତାବାଘ ଥିବା ବେଳେ କୁନୋ ଜାତୀୟ ଉଦ୍ୟାନରେ ୪୯ଟି ଚିତାବାଘ ଅଛନ୍ତି । ରାଷ୍ଟ୍ରପତିଙ୍କୁ ବନ ବିଭାଗ ପକ୍ଷରୁ କୁନୋ ଜାତୀୟ ଉଦ୍ୟାନରେ ପଶୁପକ୍ଷୀଙ୍କ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା ।

# ବ୍ରିକ୍ସ-ଏନ୍ଏସ୍ଏ ମିଟିଂ

ନୂଆଦିଲ୍ଲୀରେ ଆଜିଠାରୁ ବ୍ରିକ୍ସ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଦୁଇଦିନିଆ ସମ୍ମିଳନୀ ଆରମ୍ଭ ହେଉଛି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ୧୧ଟି ଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତାମାନେ ଏହି ସମ୍ମିଳନୀରେ ଯୋଗଦେବେ । ସେହି ଦେଶଗୁଡ଼ିକ ହେଉଛି ବ୍ରାଜିଲ, ଚୀନ୍, ଇଜିପ୍ଟ, ଇଥୋଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷ, ସାଉଦିଆରବ, ଦକ୍ଷିଣ ଆଫ୍ରିକା ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ । ସମ୍ମିଳନୀରେ ଆଜିର ବିଶ୍ୱରେ ଦେଖାଦେଉଥିବା ଅଣପାରମ୍ପରିକ ସୁରକ୍ଷା ଆହ୍ୱାନଗୁଡ଼ିକ ବିଷୟରେ ଆଲୋଚନା କରାଯାଇ ଏହାକୁ ପ୍ରତିହତ କରିବା ଦିଗରେ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସଂପର୍କରେ ଆଲୋକପାତ କରାଯିବ । ବିଭିନ୍ନ ଦେଶର ପ୍ରତିନିଧିମାନେ ସାଇବର ସୁରକ୍ଷା, ଡିଜିଟାଲ ଆହ୍ୱାନ ଏବଂ କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଆହ୍ୱାନଗୁଡ଼ିକ ଉପରେ ବିସ୍ତୃତ ଭାବେ ମତ ବିନିମୟ କରିବେ । କିଛିଦିନ ପୂର୍ବରୁ ବ୍ରିକ୍ସ ଯୁଗ୍ମ କାର୍ଯ୍ୟକାରୀ ଗୋଷ୍ଠୀ ପକ୍ଷରୁ ଆତଙ୍କବାଦ ବିରୋଧୀ ଓ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନା ପୃଷ୍ଠଭୂମିରେ ଗ୍ରହଣ କରାଯାଇଥିବା ପ୍ରସଙ୍ଗଗୁଡ଼ିକ ନେଇ ମତ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍-ଯୋଗ ଡେ

ଆନ୍ତର୍ଜାତିକ ଯୋଗ ଦିବସ-୨୦୨୬କୁ ବିଶ୍ୱସ୍ତରରେ ସଫଳ ଭାବେ ପାଳନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ଦେଶର ବିଭିନ୍ନ ବର୍ଗର ଜନସାଧାରଣ ଯୋଗାଭ୍ୟାସରେ ଭାଗ ନେଇଥିଲେ ।

## ଇରାନ-ୟୁଏସ୍ ସୁଇସ୍ ଟକ୍ସ

ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିକୁ ଶେଷ କରିବା ଏବଂ ଉଭୟ ଦେଶ ମଧ୍ୟରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଚୁକ୍ତିକୁ ପୂର୍ଣ୍ଣ ରୂପ ଦେବା ଉଦ୍ଦେଶ୍ୟରେ ଗତକାଲିଠାରୁ ସ୍ୱିଜରଲ୍ୟାଣ୍ଡର ବର୍ଜେନଷ୍ଟକ୍‌ଠାରେ ଆମେରିକା ଏବଂ ଇରାନ ପ୍ରତିନିଧିମାନଙ୍କ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ଆରମ୍ଭ ହୋଇଛି । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍‌ସ ଆମେରିକୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ବେଳେ ଇରାନର ବାଚସ୍ପତି ମହମ୍ମଦ ବାଘେର୍ ଘାଲି ବାଫ ଏବଂ ବୈଦେଶିକ ମନ୍ତ୍ରୀ ଆବାସ ଆରାଗାଛି ଇରାନୀ ପ୍ରତିନିଧି ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି । ଏହି ଆଲୋଚନାରେ କତାର ଏବଂ ପାକିସ୍ତାନ ମଧ୍ୟସ୍ଥତା କରୁଥିବା ଜଣାପଡ଼ିଛି । ବୈଠକ ପୂର୍ବରୁ ତେହେରାନ’ ଇସ୍ରାଏଲ୍‌ର ଲେବାନନ୍

ଉପରେ ଆକ୍ରମଣ ଯୋଗୁଁ ହର୍ମୁଜ ପ୍ରଣାଳୀକୁ ବନ୍ଦ ରଖାଯାଇଥିବା କହିଥିବା ବେଳେ ଆମେରିକା ସମସ୍ତଙ୍କ ପାଇଁ ଏହି ପ୍ରଣାଳୀ ମୁକ୍ତ ରହିଥିବା ଦାବି କରିଥିଲା । ଉଭୟ ଦେଶ ମଧ୍ୟରେ ଗତ ସପ୍ତାହରେ ୧୪ ସୂତ୍ରୀ ବୁଝାମଣାର ପ୍ରମୁଖ ସର୍ତ୍ତ ମଧ୍ୟରେ ଲେବାନନ୍ ଉପରେ ଆକ୍ରମଣ ବନ୍ଦ କରିବା ପ୍ରସ୍ତାବ ରହିଥିଲା ।

ଆମେରିକା ଉପରାଷ୍ଟ୍ରପତି ଇରାନର ବରିଷ୍ଠ ନେତାମାନଙ୍କ ସହ ସାକ୍ଷାତ କରି ଆଣବିକ କାର୍ଯ୍ୟକ୍ରମ, ଆଞ୍ଚଳିକ ସ୍ଥିରତା ଏବଂ ହର୍ମୁଜ ପ୍ରଣାଳୀ ମୁକ୍ତ ରଖିବା ନେଇ ଆଲୋଚନା କରିଥିଲେ । ବୈଠକ ପୂର୍ବରୁ ଆମେରିକା ଉପରାଷ୍ଟ୍ରପତି କହିଥିଲେ, ଦୁଇଦେଶ ମଧ୍ୟରେ ଶାନ୍ତି ଆଲୋଚନା ଏକ ଐତିହାସିକ ଘଟଣା । ଗତକାଲିଠାରୁ ଆଲୋଚନା ଆରମ୍ଭ ହେବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଇରାନ ଉପରେ ଆକ୍ରମଣ କରିବା ନେଇ ଚେତାବନୀ ଦେଇଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଟ୍ରମ୍ପ କହିଥିଲେ, ଯଦି ଇରାନ ତା' କାର୍ଯ୍ୟକଳାପକୁ ବନ୍ଦ ନ ରଖେ, ତେବେ ପୂର୍ବଭଳି ଆକ୍ରମଣ କରାଯିବ । ଅନ୍ୟପକ୍ଷରେ ଇରାନ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ କହିଛନ୍ତି, କତାର ଅଧୀନରେ ଥିବା ଆମେରିକାର ୬ ବିଲିୟନ୍ ଡଲାରକୁ ଚୁକ୍ତି ଅନୁଯାୟୀ ଇରାନକୁ ପ୍ରଦାନ କରିବାକୁ ପଡ଼ିବ ।

## ଏନ୍‌ଟିଏ-ୟୁଜିସି ନେଟ୍

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପକ୍ଷରୁ ଆଜିଠାରୁ ୟୁଜିସି ନେଟ୍ ପରୀକ୍ଷା ଆୟୋଜନ କରାଯାଉଛି । କମ୍ପ୍ୟୁଟର ଆଧାରିତ ଏହି ଜାତୀୟ ସ୍ତରୀୟ ପରୀକ୍ଷା ଚଳିତମାସ ୩୦ ତାରିଖ ପର୍ଯ୍ୟନ୍ତ ଦୁଇଟି ସିଫ୍ଟରେ ଅନୁଷ୍ଠିତ ହେବ । ଜୁନିଅର ରିସର୍ଚ୍ଚ ଫେଲୋସିପ୍, ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଏବଂ ପିଏଚ୍.ଡି. ନିମନ୍ତେ ଏହି ପରୀକ୍ଷା କରାଯାଉଛି । ଏନଟିଏ ପକ୍ଷରୁ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟ ବିଷୟରେ ଅବଗତ ହେବା ଲାଗି ପରାମର୍ଶ ଦେଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଯୁବପିଢ଼ି ପାଇଁ ନିଯୁକ୍ତି ସୁଯୋଗ -ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ଅତିରିକ୍ତ କେନ୍ଦ୍ରୀୟ କମିଶନର ପୂର୍ଣ୍ଣେନ୍ଦୁ ଭୂଷଣ ବର୍ମା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ

ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

## ସିବିଆଇ ବ୍ୟାଙ୍କ ଫ୍ରଡ୍

କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା-ସିବିଆଇ ୬୨ କୋଟି ୪୨ ଲକ୍ଷ ଟଙ୍କା ବ୍ୟାଙ୍କ ଠକେଇ ମାମଲାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି । ସିବିଆଇ ପକ୍ଷରୁ କୁହାଯାଇଛି, ଇଣ୍ଡିଆନ୍ ବ୍ୟାଙ୍କର ମୁମ୍ବାଇସ୍ଥିତ ଶାଖାରେ ଠକେଇ ହୋଇଥିବା ନେଇ ଚଳିତମାସ ୧୮ ତାରିଖରେ ଏକ ମାମଲା ପଞ୍ଜୀକୃତ ହୋଇଥିଲା । ଏହି ମାମଲାରେ ସିବିଆଇ ପକ୍ଷରୁ ମୁମ୍ବାଇସ୍ଥିତ ଏକ କମ୍ପାନୀ ଓ ତା' ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଅଭିଯୋଗ ଦାୟର କରାଯାଇଛି । ଭ୍ରମାତ୍ମକ ଋଣ ଗ୍ରହଣ ତଥ୍ୟ ପ୍ରଦାନ କରି ଏହି ଠକେଇ କରାଯାଇଥିବା ଜଣାପଡ଼ିଛି ।

## ମଷ୍ଟ ଆନାଉନ୍ସମେଣ୍ଟ- ପଦ୍ମ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ୨୦୨୬ ମସିହା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ କରିବେ । ଏହି ଅବସରରେ ଆକାଶବାଣୀ ପକ୍ଷରୁ 'ଲୋକଙ୍କ ପଦ୍ମ' ଶୀର୍ଷକରେ ୧୫ଟି ସ୍ୱତନ୍ତ୍ର

କାର୍ଯ୍ୟକ୍ରମ ପ୍ରସାରଣ କରାଯିବ । ଏହି ଧାରାବାହିକରେ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ଜୀବନୀ ଓ କାର୍ଯ୍ୟ ଉପରେ ଆଲୋକପାତ କରାଯିବ ।

ଏହି ବାର୍ତ୍ତାଳାପ ଆଜି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଉପଲବ୍ଧ ହେବ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଯୁବପିଢ଼ି ପାଇଁ ନିଯୁକ୍ତି ସୁଯୋଗ -ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ଅତିରିକ୍ତ କେନ୍ଦ୍ରୀୟ କମିଶନର ପୂର୍ଣ୍ଣେନ୍ଦୁ ଭୂଷଣ ବର୍ମା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ୱିମେନ୍ ଟି-୨୦ ୱାର୍ଲଡକପ୍

ଆଇସିସି ମହିଳା  ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ଗତକାଲି ମାଞ୍ଚେଷ୍ଟରଠାରେ ଅନୁଷ୍ଠିତ ଗ୍ରୁପ୍-ଏ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୬ ୱିକେଟ୍‌ରେ ଭାରତକୁ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ୧୫୮ ରନ୍ ସ୍କୋର କରିଥିଲା । ଶେଫାଳୀ ବର୍ମା ସର୍ବାଧିକ ୩୧ ରନ୍ କରିଥିଲେ । ଜବାବରେ ଦକ୍ଷିଣ ଆଫ୍ରିକା ୫ଟି ବଲ୍ ବାକି ଥାଇ ୧୬୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ତେବେ ଭାରତୀୟ ମହିଳା ଦଳର ଅଧିନାୟକ ହର୍‌ମନ ପ୍ରୀତ୍ କୌର ଗତକାଲିର ମ୍ୟାଚ୍‌ରେ ୨୦୦ତମ ଆନ୍ତର୍ଜାତିକ ଟି-୨୦ ମ୍ୟାଚ୍ ଖେଳିଥିବା ପ୍ରଥମ ଖେଳାଳି ମାନ୍ୟତା ପାଇଛନ୍ତି ।

# ଫିଫା-ୱାର୍ଲଡ କପ୍

ଫିଫା ବିଶ୍ୱକପ୍‌ରେ ଗ୍ରୁପ୍-ଏଚ୍ ର କେପ୍ ଭରଦେ ଏବଂ ଉରୁଗୁଏ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୨-୨ରେ ଅମୀମାଂସିତ ରହିଛି । ପୂର୍ବରୁ ଗ୍ରୁପ୍-ଜି ର ଗତକାଲି କାଲିଫର୍ଣ୍ଣିଆରେ ଖେଳାଯାଇଥିବା ଇରାନ ଓ ବେଲ୍‌ଜିୟମ ମଧ୍ୟରେ ମ୍ୟାଚ୍ ମଧ୍ୟ ଅମୀମାଂସିତ ରହିଛି । ଗ୍ରୁପ୍-ଏଚ୍ ର ଅନ୍ୟ ଏକ ମ୍ୟାଚ୍‌ରେ ସ୍ପେନ୍ ୪-୦ ଗୋଲ୍‌ରେ ସାଉଦିଆରବକୁ ପରାସ୍ତ କରିଛି । ୨ଟି ମ୍ୟାଚ୍‌ରୁ ସ୍ପେନ୍ ୪ ପଏଣ୍ଟ ହାସଲ କରିଥିବା ବେଳେ ସାଉଦିଆରବ ମାତ୍ର ୧ ପଏଣ୍ଟ ହାସଲ କରିଛି ।

ଆଜି ଗ୍ରୁପ୍-ଜି ରେ ନିଉଜିଲ୍ୟାଣ୍ଡ ଓ ଇଜିପ୍ଟ ଏବଂ ଗ୍ରୁପ୍-ଜେ ରେ ଆର୍ଜେଣ୍ଟିନା ଓ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

## ପାଣିପାଗ

ଓଡ଼ିଶା ସମେତ ଦେଶର ଅନ୍ୟ କେତେକ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆସାମ ଓ ମେଘାଳୟରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ଓଡ଼ିଶା, ବିହାର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳମ୍ ଓ ଗୋଆ ଆଦି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି ।